# ଆଦିବାସୀ ମେଳା-୨୦୧୭ ଉଦ୍‌ଯାପିତ

ଭୁବନେଶ୍ୱର, ତା ୯/୨/୨୦୧୭ ଅନୁସୂଚିତ ଜନଜାତି ଓ ଅନୁସୂଚତି ଜାତି ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଆଦିବାସୀ ମେଳା -୨୦୧୭ ଓ ସାଂସ୍କୃତିକ ଉତ୍ସବ ଆଜି ଉଦ୍‌ଯାପିତ ହୋଇଛି । ୟୁନିଟ୍-୧ସ୍ଥିତ ଆଦିବାସୀ ପଡିଆରେ । ଜାନୁୟାରୀ ୨୬ରୁ ଆରମ୍ଭ ହୋଇ ଏହି ମେଳା ୧୫ ଦିନ ଧରି ଚାଲିଥିଲା ।

ଚଳିତ ବର୍ଷ ମେଳାରେ ୧୮୫ଟି ଷ୍ଟଲ ନିର୍ମିତ ହୋଇଥିଲା । ବିଭିନ୍ନ ଜନଜାତିର ୨୪ଟି ପାରଂପରିକ ଘର, ଆଦିବାସୀ ହାଟରେ ୩୦ଟି ପିଣ୍ଡିରେ ଆଦିବାସୀଙ୍କ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟର ବିକ୍ରିବଟାର ବ୍ୟବସ୍ଥା ହୋଇଥିଲା । ଏହାଛଡ଼ା ଟି.ଡ଼ି.ସି.ସି, ଟ୍ରାଇଫେଡ୍, ମହିଳା ବିକାଶ ସମବାୟ ନିଗମ, ଓଡ଼ିଶା ବନ ଉନ୍ନୟନ ନିଗମ ଭଳି ଅର୍ଦ୍ଧ ସରକାରୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଂଗୃହୀତ ଓ ଉତ୍ପାଦିତ ଜଙ୍ଗଲଜାତ ଦ୍ରବ୍ୟର ବିକ୍ରିପାଇଁ ଷ୍ଟଲ ଖୋଲା ଯାଇଥିଲା । ଆଦିବାସୀ ଚିତ୍ରକଳା ଓ କଳାବସ୍ତୁ, ବୟନ ଓ ହସ୍ତଶିଳ୍ପ ସାମଗ୍ରୀ ଓ ଆଦିବାସୀ ଖାଦ୍ୟବଜାର ଗ୍ରାହକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା ।

ଆଜି ଏହି ୧୫ଦିନିଆ ମେଳାର ଉଦ୍‌ଯାପନୀ ଉତ୍ସବରେ ଆଦିବାସୀ ଉନ୍ନୟନ ସଂସ୍ଥା, କୋରାପୁଟର ଗଦାବ ଘର ପ୍ରଥମ, ଆଇ.ଟି.ଡି.ଏ ବଣାଇର ଓରାଓଁ ଘର ଓ କପ୍ତିପଦାର ବାଥୁଡ଼ି ଘର ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଆଇ.ଟି.ଡି.ଏ କୁଚିଣ୍ଡାର କିସାନ ଘର ଓ କରଞ୍ଜିଆ ଆଇ.ଟି.ଡି.ଏ ହିଲ୍ ଖଡ଼ିଆ ଘର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସରକାରୀ ଷ୍ଟଲମାନଙ୍କ ମଧ୍ୟରେ ଉଦ୍ୟାନ କୃଷି ବିଭାଗ ପ୍ରଥମ, ଓଡ଼ିଶା ପର୍ଯ୍ୟଟନ, ଦ୍ୱିତୀୟ ଓ ସେରିଫେଡ୍ ଏବଂ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଆଜି ସଂଧ୍ୟାରେ ମୁଖ୍ୟ ମଞ୍ଚରେ ଉଦ୍‌ଯାପନୀ ଉତ୍ସବରେ ଏସ୍.ସି.ଏସ୍.ଟି.ଆର୍.ଟି.ଆଇ ର କମିଶନର ତଥା ନିର୍ଦ୍ଦେଶକ ପ୍ରଫେସର ଡ଼ଃ ଏ. ବି. ଓତା ଓ ବିଭାଗୀୟ ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି) ଆର୍ ରଘୁପ୍ରସାଦ ବିଜୟୀ ଅଂଶଗ୍ରହଣୀକାରୀମାନଙ୍କୁ ସ୍ମାରକୀ ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

ଉଦ୍‌ଯାପନୀ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ କୋରାପୁଟ ଆଇ.ଟି.ଡ଼ି.ଏ ପ୍ରାୟୋଜିତ ଜନଜାତି କଳାକାରମାନଙ୍କ ଦ୍ୱାରା କାଠିନାଚ, ଦୁରୁଆ ନୃତ୍ୟ ପ୍ରଦର୍ଶିତ ହୋଇଥିଲା ।

ଚଳିତ ବର୍ଷ ଆଦିବାସୀ ମେଳାରେ ପ୍ରାୟ ସାଢେ ୫କୋଟି ସାମଗ୍ରୀ ବିପଣନ ହୋଇଥିଲା ବୋଲି ଆଦିବାସୀ ଭାଷା ଓ ସଂସ୍କୃତି ଶିକ୍ଷଣ ପ୍ରତିଷ୍ଠାନ ସୂତ୍ରରୁ ପ୍ରକାଶ ।